सत्यमेव जयते
कृषि एवं किसान
कल्याण मंत्रालय
MINISTRY OF
AGRICULTURE AND
FARMERS WELFARE

सत्यमेव जयते
ग्रामीण विकास मंत्रालय
भारत सरकार
MINISTRY OF RURAL
DEVELOPMENT
GOVERNMENT OF INDIA

# ପ୍ରାକୃତିକ କୃଷିରେ ବ୍ୟବହୃତ ଉପାଦାନ ସମୂହ




## ଜୈବିକ ଓ ପ୍ରାକୃତିକ କୃଷି ନିମିତ୍ତ ଜାତୀୟ କେନ୍ଦ୍ର

ହାପୁର ରୋଡ, କମଳା ନେହେରୁ ନଗର, ଗାଜିଆବାଦ- ୨
ଫୋନ: ୦୧୨୦-୨୭୬୪୨୧୨, ୨୭୬୪୯୦୬, ଫ୍ୟାକ୍ସ:୦୧୨୦-୨୭୬୪୯୦୧
**Email:nbdc@nic.in**

# ପ୍ରାକୃତିକ କୃଷିରେ କେଉଁ ଉପାଦାନ ସବୁ ବ୍ୟବହାର କରାଯାଏ ?

## ବୀଜାମୃତ

### ବ୍ୟବହୃତ ସାମଗ୍ରୀ

୧. ପାଣି - ୨୦ ଲିଟର
୨. ଗୋବର ୫ କିଲୋ
୩. ଗୋ ମୂତ୍ର ୫ ଲିଟର
୪. ଚୂନ ୫୦ ଗ୍ରାମ
୫. ବଡ ଗଛ ମୂଳ ମାଟି ମୁଠାଏ




ପ୍ରସ୍ତୁତି :-

* ପାଞ୍ଚକିଲୋ ଦେଶୀ ଗାଈ ଗୋବରକୁ ଏକ ସୂତା କପଡ଼ାରେ ଗୁଡ଼ାଇ ବାନ୍ଧନ୍ତୁ
* ଗୋଟିଏ ବାଲ୍ଟିରେ ୨୦ ଲିଟର ପାଣି ନେଇ ସେଥିରେ କପଡ଼ାରେ ଗୁଡ଼ା ଯାଇଥିବା ଗୋବରକୁ ଗୋଟିଏ କାଠି ସହାୟତାରେ ବୁଡ଼ାନ୍ତୁ
* ଏହାକୁ ୧୨ ଘଣ୍ଟା ଛାଡ଼ି ଦିଅନ୍ତୁ, ଯେପରିକି ଗୋବରର ରସ ପାଣିକୁ ଆସିଯିବ ।
* ଅନ୍ୟ ଏକ ପାତ୍ରରେ ଏକ ଲିଟର ପାଣି ନେଇ ସେଥିରେ ୫୦ ଗ୍ରାମ ଚୂନ ପକାନ୍ତୁ
* ଏବେ ଏହି ଦୁଇ ପ୍ରସ୍ତୁତିକୁ ମିଶ୍ରିତ କରନ୍ତୁ ଏବଂ ଏଥିସହ ମୁଠାଏ ଗଛମୂଳ ମାଟି ମିଶାନ୍ତୁ ।
* ବର୍ତ୍ତମାନ ଏଥିସହ ୫ ଲିଟର ଗୋମୂତ୍ର ମିଶାନ୍ତୁ ଏବଂ ସେହିପରି ଅବସ୍ଥାରେ ୮-୧୨ ଘଣ୍ଟା ରଖିଦିଅନ୍ତୁ ।
* ବର୍ତ୍ତମାନ ବିହନ ବିଶୋଧନ ପାଇଁ ବିଜାମୃତ ପ୍ରସ୍ତୁତ ହେଇଗଲା ।

### କିପରି ବ୍ୟବହାର କରିବା ?

- ଯେ କୌଣସି ଫସଲର ବିହନରେ ବୀଜାମୃତ ମିଶାନ୍ତୁ, ହାତରେ ଗୋଳାଇ ମଞ୍ଜି ଉପରେ ବୀଜାମୃତର ଗୋଟିଏ ସ୍ତର ସୃଷ୍ଟି କରନ୍ତୁ । ବିଶୋଧିତ ବିହନକୁ ଛାଇରେ ଭଲଭାବରେ ଶୁଖାନ୍ତୁ ଏବଂ ବୁଣିବା ପାଇଁ ବ୍ୟବହାର କରନ୍ତୁ । ଡାଲି ଜାତୀୟ ଫସଲ ବିହନ, ଯାହାର ପତଳା ଚୋପାଥାଏ, ଗୁଡ଼ିକୁ ସ୍ୱଳ୍ପ ସମୟ ପାଇଁ ଭିଜେଇ ଶୀଘ୍ର ବାହାର କରିଦେବା ଏବଂ ଶୁଖିବାକୁ ଛାଡ଼ିଦେବା ।



### ଉପକାରିତା:

- 'ବିହନର ବଞ୍ଚିବା କ୍ଷମତା ବୃଦ୍ଧିପାଏ ।
- ବିହନ ଜନିତ ରୋଗରୁ ସୁରକ୍ଷା ।

# ଜୀବାମୃତ




## ବ୍ୟବହୃତ ସାମଗ୍ରୀ

୧. ପାଣି ୨୦୦ ଲିଟର
୨. ଗୋବର ୧୦ କିଲୋ
୩. ଗୋ ମୂତ୍ର ୧୦ ଲିଟର
୪. ଗୁଡ ୨ କିଲୋ
୫. ଡାଲି ଗୁଣ୍ଡ ୨ କିଲୋ
୬. ବଡ ଗଛ ମୂଳ ମାଟି ମୁଠାଏ

## ପ୍ରସ୍ତୁତି:

* ଏକ ଏକର କ୍ଷେତ ପାଇଁ ଗୋଟିଏ ବ୍ୟାରେଲରେ ୨୦୦ ଲିଟର ପାଣି ନିଅନ୍ତୁ ଏବଂ ଛାଇରେ ରଖନ୍ତୁ ।
* ଏଥିରେ ୧୦ ଲିଟର ଦେଶୀ ଗାଈର ପରିସ୍ରା ମିଶାନ୍ତୁ
* ୧୦ କିଲୋ ଗୋବର ଏଥିରେ ମିଶାନ୍ତୁ
* ଏଥିସହ ୨ କିଲୋ ଗୁଡ ଏବଂ ଦୁଇ କିଲୋ ଡାଲିଗୁଣ୍ଡ ମିଶାନ୍ତୁ ।
* ଉପର ବର୍ଣ୍ଣିତ ମିଶ୍ରଣରେ ମୁଠାଏ ବଡ ଗଛ ମୂଳ ମାଟି ମିଶାନ୍ତୁ ।
* ସବୁଗୁଡ଼ିକୁ ଗୋଟିଏ କାଠି ସହାୟତାରେ ଘଣ୍ଟା କଣ୍ଟା ଦିଗରେ ଘାଣ୍ଟନ୍ତୁ ।
* ବ୍ୟାରେଲ୍‌ଟିକୁ ଗୋଟିଏ ଝୋଟ ଅଖାରେ ଘୋଡାଇ ଦିଅନ୍ତୁ ।
* ଏହି ମିଶ୍ରଣକୁ ଛାଇରେ ୪୮ ଘଣ୍ଟା ସଢିବାକୁ ଛାଡ଼ିଦିଅନ୍ତୁ ।

## କିପରି ବ୍ୟବହାର କରାଯାଏ ?

- ପାଣି ସହ ମିଶାଇ ସିଞ୍ଚନ କରନ୍ତୁ ।
- ସେଚ ଜଳ ସହ ମିଶାଇ କ୍ଷେତରେ ପ୍ରୟୋଗ କରି ପାରିବା ।

## ଉପକାରିତା:

୧. ଫସଲ ବୃଦ୍ଧି ଓ ଫୁଲ ବୃଦ୍ଧି ଘଟିଥାଏ । ଅମଳ ବର୍ଦ୍ଧକ ଭାବେ କାର୍ଯ୍ୟକରେ ।
(ଦ୍ରବଣରୁ ୫-୮% ନେଇ ପାଣିରେ ମିଶାଇ ସିଞ୍ଚନ କରିବା)
୨. ମାଟିର ଉର୍ବରତା ବଢ଼ାଇବା ପାଇଁ ସେଚ ଜଳ ସହ ମିଶାଇ ସିଞ୍ଚନ କରାଯାଏ ।



# ଘନ ଜୀବାମୃତ




## ବ୍ୟବହୃତ ସାମଗ୍ରୀ:

* ଗୋବର ୧୦୦ କିଲୋ
* ଗୋ ମୂତ୍ର ଆବଶ୍ୟକତା ଅନୁସାରେ
* ଗୁଡ ୨କିଲୋ
* ଡାଲି ଗୁଣ୍ଡ ୨ କିଲୋ
* ବଡ ଗଛ ମୂଳ ମାଟି ମୁଠାଏ

## ପ୍ରସ୍ତୁତି

* ଭଲ ଭାବେ ଶୁଖି ଥିବା ଗୋବର ୧୦୦ କିଲୋ ନେଇ ଏକ ଚଟାଣ ଉପରେ ସମାନ ଭାବରେ ପତଳା କରି ଖେଳେଇ ଦେବା।
* ଏଥିସହ କିଛି ପରିମାଣର ଗୋ-ମୂତ୍ର ମିଶାନ୍ତୁ।
* ୨କିଲୋ ଗୁଡ ଏବଂ ୨ କିଲୋ ଡାଲି ଗୁଣ୍ଡ ଏଥିରେ ମିଶାନ୍ତୁ।
* ଏଥିରେ ମୁଠାଏ ବଡଗଛ ମୂଳ ମାଟି ମିଶାନ୍ତୁ
* ସବୁଗୁଡ଼ିକ ଭଲଭାବେ ମିଶାଇ ଲଡୁ (ଛୋଟ ଗୁଳା) ପ୍ରସ୍ତୁତ କରନ୍ତୁ।
* ଲଡୁ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ।
* ଶୁଖିଗଲେ ଲଡୁଗୁଡ଼ିକୁ ଗୁଣ୍ଡକରି ବସ୍ତାରେ ଭରି ସାଇତି ରଖନ୍ତୁ
* ଏହି ଶୁଖିଲା ଘନ ଜିବାମୃତ ୬ ମାସ ପର୍ଯ୍ୟନ୍ତ ସାଇତି ରଖିହେବ।

## କିପରି ବ୍ୟବହାର କରାଯାଏ?

- ଫସଲ ଲଗାଇବା ସମୟରେ ଏକର ପ୍ରତି ୧୦୦ କିଲୋ ଘନ ଜିବାମୃତ ପ୍ରୟୋଗ କରାଯାଇଥାଏ।

## ଉପକାରିତା

ମାଟିରେ ଅଣୁଜୀବଙ୍କ କାର୍ଯ୍ୟକଳାପ ବୃଦ୍ଧିପାଏ ଏବଂ ବହୁଳ ଜୈବିକ ପଦାର୍ଥକୁ ତୀବ୍ର ଗତିରେ ପଚାଇ ଫସଲକୁ ପୋଷକ ତତ୍ତ୍ୱ ଉପଲବ୍ଧ କରାଇଥାଏ।



# ନୀମାସ୍ତ୍ର




ଆବଶ୍ୟକୀୟ ସାମଗ୍ରୀ

* ନୀମ ପତ୍ର ୫କିଲୋ
* ଗୋମୁତ୍ର - ୫ଲି.
* ଗୋବର -୧କି.
* ଜଳ - ୧୦୦ଲି.

## ପ୍ରସ୍ତୁତି

* ପାଞ୍ଚ କିଲୋ କଞ୍ଚା ନିମପତ୍ର କିମ୍ୱା ୫ କିଲୋ ଶୁଖିଲା ନିମ ଫଳକୁ ଭଲ ଭାବେ ପେସିବା ।
* ଏହି ପେସା ଯାଇଥିବା ପତ୍ର ବା ଫଳ ଗୁଣ୍ଡକୁ ୧୦୦ ଲି.ପାଣିରେ ମିଶାଇବା ।
* ଏଥିସହ ୫ ଲି. ଗୋ ମୂତ୍ର ଏବଂ ଏକ କିଲୋ ଗୋବର ମିଶାଇବା
* ଏହାକୁ ଏକ କାଠି ସହାୟତାରେ ଗୋଲାଇବା ଏବଂ ଘୋଡାଇ ୪୮ ଘଣ୍ଟା ରଖିବା ।
* ପ୍ରତିଦିନ ୩ଥର ଗୋଳାଇବା ଏବଂ ୪୮ ଘଣ୍ଟା ପରେ ଗୋଟିଏ ସଫା କପଡ଼ାରେ ଛାଣିବା ।
* ଏହାକୁ ଫସଲରେ ସିଞ୍ଚନ କରିବା ।

## କିପରି ବ୍ୟବହାର କରାଯାଏ ?

- ପାଣିରେ ୨-୩% ମିଶାଇ ସିଞ୍ଚନ କରାଯିବ ।

## ବ୍ୟବହାର :

* ରସ ଶୋଷକ କୀଟ ଏବଂ ଛୋଟ ଛୋଟ ଶୁକ ଦମନ କରିବା ପାଇଁ ।



# ବ୍ରହ୍ମାସ୍ତ୍ର




**ବ୍ୟବହୃତ ସାମଗ୍ରୀ**

* ନିମ ପତ୍ର ୩ କିଲୋ
* କରଞ୍ଜ ପତ୍ର ୨ କିଲୋ
* ଆତ ପତ୍ର ୨ କିଲୋ
* ଅମୃତ ଭଣ୍ଡା ପତ୍ର ୨ କିଲୋ
* ପିଜୁଳି ପତ୍ର ୨ କିଲୋ
* ଗୋ ମୂତ୍ର ୧୦ ଲିଟର

**ପ୍ରସ୍ତୁତି**

* ଗୋଟିଏ ମାଟି ପାତ୍ରରେ ୧୦ ଲିଟର ଗୋମୂତ୍ର ନେବା
* ଏଥିରେ ପେଷା ଯାଇଥିବା ୩ କିଲୋ କଞ୍ଚା ନିମପତ୍ର, ୨ କିଲୋ ଲେଖାଏଁ ପେଷା ଯାଇଥିବା କରଞ୍ଜ, ଆତ, ଅମୃତଭଣ୍ଡା, ପିଜୁଳି ପତ୍ର ପକାଇବା
* ସବୁଗୁଡ଼ିକ ମିଶାଇ ଧିମା ଆଞ୍ଚରେ ବସାଇବା
* ତିନି-ଚାରି ଥର ସିଝିବା ପରେ ଆଞ୍ଚରୁ ତଳକୁ ଓହ୍ଲାଇବା
* ଥଣ୍ଡାହେବା ପାଇଁ ୪୮ ଘଣ୍ଟା ଛାଡ଼ିଦେବା
* ଏହାକୁ ଗୋଟିଏ ସଫା କପଡାରେ ଛାଣିବା
* ଏବେ ଏହା ଫସଲ ସିଞ୍ଚନ ପାଇଁ ପ୍ରସ୍ତୁତ ହୋଇଗଲା ।

## କିପରି ବ୍ୟବହାର କରାଯାଏ ?

- ୨-୩% ପାଣିରେ ମିଶାଇ ଫସଲରେ ସିଞ୍ଚନ କରାଯିବ ।

**ବ୍ୟବହାର:**

ଶୋଷକ କୀଟ ଏବଂ ଛୁଇଁ / ଫଳବିନ୍ଧା କୀଟ ଦମନ ପାଇଁ ।



# ଅଗ୍ନିଅସ୍ତ୍ର




**ବ୍ୟବହୃତ ସାମଗ୍ରୀ:**

* ନିମପତ୍ର ୫ କିଲୋ
* କଞ୍ଚାଲଙ୍କା ୫୦୦ ଗ୍ରାମ
* ରସୁଣ ୫୦୦ ଗ୍ରାମ
* ଗୋମୂତ୍ର ୨୦ ଲିଟର

## ପ୍ରସ୍ତୁତି:

* ଗୋଟିଏ ପାତ୍ରରେ ୨୦ ଲିଟର ଗୋମୂତ୍ର ନେବା
* ଏଥିରେ ପେଶା ଯାଇଥିବା ୫ କିଲୋ ନିମପତ୍ର ମିଶାଇବା
* ଏଠି ସହ ୫୦୦ ଗ୍ରାମ କଞ୍ଚାଲଙ୍କା ଏବଂ ୫୦୦ ଗ୍ରାମ ରସୁଣ ବଟା ମିଶାଇବା
* ଏ ସମସ୍ତକୁ ଭଲଭାବେ ଗୋଳାଇ ଧିମା ଆଞ୍ଚରେ ସିଝାଇବା
* ୩-୪ ଥର ସିଝିବା ପରେ ଆଞ୍ଚରୁ ତଳକୁ ଓହ୍ଲାଇବା ।
* ୪୮ ଘଣ୍ଟା ପାଇଁ ଥଣ୍ଡା ହେବାକୁ ଛାଡ଼ିଦେବା ଏବଂ ତା'ପରେ ଗୋଟିଏ ସଫା କପଡ଼ାରେ ଛାଣିବା
* ଏବେ ଫସଲ ଉପରେ ସିଞ୍ଚନ ପାଇଁ ଅର୍କ ପ୍ରସ୍ତୁତ ହୋଇଗଲା ।

## କିପରି ବ୍ୟବହାର କରାଯାଏ ?

- ଏଥିରୁ ପାଣିରେ ୨-୩% ମିଶାଇ ସିଞ୍ଚନ କରିବା

**ବ୍ୟବହାର:**

- ଗଛ ଗଣ୍ଡିରେ ବାସ କରୁଥିବା କୀଟ, ସମସ୍ତ ପ୍ରକାର ବଡ ଫଳବିନ୍ଧା କୀଟ ଏବଂ ସଂବଲୁଆ ନିୟନ୍ତ୍ରଣ କରିବା ପାଇଁ



# ଦଶପର୍ଣି ଅର୍କ




**ବ୍ୟବହୃତ ସାମଗ୍ରୀ:**

* ନିମପତ୍ର ୫ କିଲୋ
* ବେଗୁନିଆ ପତ୍ର, ୨ କିଲୋ
* ଆରିଷ୍ଟୋଲୋଚିଆ ପତ୍ର, ୨ କିଲୋ
* ଅମୃତଭଣ୍ଡା ପତ୍ର, ୨ କିଲୋ
* ତିନିସ୍ପୋରା ପତ୍ର, ୨ କିଲୋ
* ଆତପତ୍ର, ୨ କିଲୋ
* କରଞ୍ଜ ପତ୍ର, ୨ କିଲୋ
* ଜଡ଼ା ପତ୍ର, ୨ କିଲୋ
* ନେରିଆମ୍ ଇଣ୍ଡିକମ୍, ୨ କିଲୋ
* ଅରଖ ପତ୍ର, ୨ କିଲୋ
* କଞ୍ଚା ଲଙ୍କା ବଟା, ୨ କିଲୋ
* ରସୁଣ ବଟା, ୨୫୦ ଗ୍ରାମ
* ଗୋବର, ୩ କିଲୋ
* ଗୋମୂତ୍ର, ୫ ଲିଟର

**ପ୍ରସ୍ତୁତି:**

* ଗୋଟିଏ ଡ୍ରମରେ ୨୦୦ ଲିଟର ପାଣିନେବା
* ଏଥିରେ ସମସ୍ତ ସାମଗ୍ରୀ ପେଶିବା ପରେ ମିଶାଇବା ।
* ଏହାକୁ ଏକମାସ ପର୍ଯ୍ୟନ୍ତ ସଢିବାକୁ ଛାଡ଼ିଦେବା ଏବଂ ଏହାପରେ ଗୋଟିଏ ସଫା କପଡାରେ ଛାଣିବା ।
* ଏବେ ଫସଲରେ ସି*ନ ପାଇଁ ଦ୍ରବଣ ପ୍ରସ୍ତୁତ ହେଇଗଲା ।

## କିପରି ବ୍ୟବହାର କରାଯାଏ ?

- ଏଥିରୁ ପାଣିରେ ୨-୩% ମିଶାଇ ସିଞ୍ଚନ କରିବା

## ବ୍ୟବହାର:

ସମସ୍ତ ପ୍ରକାର ଶୋଷକ କୀଟ ଏବଂ ସମ୍ଭଲୁଆ ନିୟନ୍ତ୍ରିତ ହୁଅନ୍ତି ।

